COURT OF THE TAHASILDAR * RENGALI

# ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି, ଜିଲ୍ଲା-ସମ୍ବଲପୁର

ସଂରକ୍ଷଣ ବିମୋଚନ ମୋକଦ୍ଦମା ନଂ.୦୧ /୨୦୨୫

## ସର୍ବସାଧାରଣ ନୋଟିସ

ନୋଟିସ ନଂ. ୫୪ ତାରିଖ: ୨୧.୦୧.୨୦୨୫

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – **ଲପଙ୍ଗା** ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ **ସାଧାରଣ ପରିଚାଳକ (ଭୂ-ଅର୍ଜନ)**, ତଲାବିରା ୨ ଓ ୩ ଓ.ସି.ପି., ଏନ.ଏଲ.ସି,, ଇଣ୍ଡିଆ ଲିମିଟେଡ୍ ତାର Integrated Office Building & Township କୁ ପ୍ରବେଶ ରାସ୍ତା ନିର୍ମାଣ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୂକ୍ତ ଜମି ସରକାରୀ ରକ୍ଷିତ ଖାତାରେ ର କିସମ "ଗୋଚର" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସଂରକ୍ଷଣ ବିମୋଚନ ତଥା କିସମ ପରିବରର୍ତ୍ତନ ଆବଶ୍ୟକ ପଡୁଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ୍ ନମ୍ବର | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ପ୍ରସ୍ତାବିତ କିସମ |
|---|---|---|---|---|---|---|
| **ଲପଙ୍ଗା** | ୩୭୦ (ରକ୍ଷିତ) | ୧୧୩୭ରୁ | ୮୫.୬୫୦ | ୦.୯୦୦ | ଗୋଚର | ପତିତ |
| | | ମୋଟ | ୮୫.୬୫୦ | ୦.୯୦୦ | | |

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)

ଜ୍ଞାପକ ସଂଖ୍ୟା...୫୫... ତା: ...୨୧.୦୧.୨୦୨୫...

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ବୋମାଲୋଏଙ୍କ କାର୍ଯାଳୟ / ଗ୍ରାମ ପଞ୍ଚାୟତ ଜଙ୍ଗଲା ଏବଂ ତହସିଲ କାର୍ଯାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)

ଜ୍ଞାପକ ସଂଖ୍ୟା...୫୬... ତା: ...୨୧.୦୧.୨୦୨୫...

ଏହାର ଏକକିତା ନକଲ **ଜିଲ୍ଲା ଇ- ଗଭର୍ଣ୍ଣନ୍ସ ମେନେଜର, ସମ୍ବଲପୁରଙ୍କ** ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
TAHASILDAR
Rengali (Sambalpur)